# Akashvani, Sambalpur

## SAMBALPURI NEWS BULLETIN

### 7 October 2023- 6.47- 6.52 am.

*********************************************

ରେଡ଼ିଓ ଥେରାପି-କଟକ୍ କେନ୍‌ସର୍ ହସ୍ପିଟାଲ୍/ଆର୍‌ଏନ୍‌ୟୁ ସମ୍ବଲପୁର୍

ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ କଟକ୍ ଆଚାର୍ଯ୍ୟ ହରିହର୍ କର୍କଟ୍ ସ୍ନାତକୋତର୍ ପ୍ରତିଷ୍ଠାନ୍ ନ ରେଡ଼ିଓ ଥେରାପି ଲାଗି ୨ ଟା ଲିନିୟର୍ ଆସିଲିରେଟର୍ ଲୋକାର୍ପଣ୍ କରିଛନ୍ । ଇଥିର୍‌ଲାଗି ୩୮ କୋଟି ଟଙ୍କା ଖର୍ଚ୍ଚା କରାଯାଇଛେ ।

ଇତାର୍‌ଛଡ଼ା ମୁଖ୍ୟମନ୍ତ୍ରୀ ୬ କୋଟି ଟଙ୍କା ଖର୍ଚ୍ଚାଥି ଥାପ୍‌ନା କରାଯାଇଥିବା ଇ ପ୍ରତିଷ୍ଠାନ୍‌ର ୩୦ ଶଯ୍ୟାର ଡେ କେୟାର୍‌କେ ଉଦ୍‌ଘାଟନ୍ କରିଛନ୍ । ଭର୍ଚୁଆଲ୍ ଜରିଏ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଏଜେ ସ୍ୱାସ୍ଥ୍ୟସେବା କ୍ଷେତ୍ର ନ ବହୁତ୍‌ଟେ ରୂପାନ୍ତରଣ୍ ଘଟିଛେ । ସେ କହିଛନ୍ ଯେ, ଭିନ୍ ଭିନ୍ ଘରୋଇ ସ୍ୱାସ୍ଥ୍ୟ ଅନୁଷ୍ଠାନ୍‌ର ଭିତିଭୂମି ବର୍‌କସ୍ କର୍‌ବାର୍ ସଙ୍ଗେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ୍ ଯୋଜ୍‌ନା ଅଧୀନ୍‌ଥି ମାହାଲିଆ ଗୁଣାତ୍ମକ

ସ୍ୱାସ୍ଥ୍ୟ ଯୋଜ୍‌ନା ଯୁଗାବାର୍ ସହେତେ କର୍କଟ ରୋଗ ଚିକିତ୍ସା କ୍ଷେତ୍ର ନ ଓଡ଼ିଶା ଗୁଟେ ପ୍ରମୁଖ କେନ୍ଦ୍ର ହେବାର୍‌କେ ଯାଉଛେ । ସର୍‌କାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନ୍ ମାନ୍‌କେ କର୍କଟ ରୋଗର୍ ଚିକିତ୍ସା ଲାଗି ଭିତିଭୂମିର୍ ବିକାଶ୍ ସହେତେ ଘରୋଇ  ସହଭାଗିତାଥି କର୍କଟ ଚିକିତ୍ସାକେ ଗୁରୁତ୍ୱ ଦିଆଯାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ୍ ପୂଜାରୀ ଇଥି ଯୋଗ୍ ଦେଇକରି କର୍କଟ ରୋଗ୍‌ର ଚିକିତ୍ସା, ଶିକ୍ଷା ଆଉ ଗବେଷଣା କ୍ଷେତ୍ର ନ ଆଚାର୍ଯ୍ୟ ହରିହର୍ କର୍କଟ୍ ସ୍ନାତକୋତର୍ ପ୍ରତିଷ୍ଠାନ୍ ସବୁନୁ ବଢ଼ିଆଁ ଅନୁଷ୍ଠାନ୍ ଆଏ ବଲି କହିଥିଲେ ।

ପୁରୁଷ ହକି-ମୁଖ୍ୟମନ୍ତ୍ରୀ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଚୀନ୍‌ର ହାଙ୍ଗ୍‌ଝୌ ଠାନେ ଚାଲିଥିବା ଏସୀୟ କ୍ରୀଡ଼ାର ପୁରୁଷ ହକିଥି  ସ୍ୱର୍ଣ୍ଣପଦକ୍ ପାଇଥିବା ଭାରତୀୟ ହକି ଦଲ୍‌କେ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଭିଡ଼ିଓ କଲ୍ ଜରିଏ ଅଭିନନ୍ଦନ୍ ଜନେଇଛନ୍ । ଜିତିଥିବାର୍ ଇ ହକି ଦଲର୍ ଖେଲାଲି ଆଉ ସହଯୋଗୀ ଷ୍ଟାଫ୍ ମାନ୍‌କୁ ମୁଖ୍ୟମନ୍ତ୍ରୀ ୫ ଲାଖ୍ ଟଙ୍କା ଲେଖା ନଗଦ୍ ଟଙ୍କା ଘୋଷ୍ନା କରିଛନ୍ । ଇ ଜିତ୍ ଲାଗି ଭାରତୀୟ ପୁରୁଷ ହକି ଦଲ୍ ୨୦୨୪

ମସିହାଥି ପେରିସ୍ ନ ହେବାର୍‌କେ ଥିବା ଅଲମ୍ପିକ୍ସ୍‌ଥି ଭାଗ୍ ନେବାର୍‌କେ ଯୋଗ୍ୟତା ଅର୍ଜନ୍ କରିଛେ ।

ରାଜ୍ୟ ସମବାୟ ବେଙ୍କ୍ -ଲାଭାଂଶ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଜ୍ୟ ସମବାୟ ବେଙ୍କ୍ ତର୍‌ଫୁ ୨୦୨୧-୨୨ ଆଉ ୨୦୨୨-୨୩ ଆର୍ଥିକ୍ ବଛର୍ ଲାଗି ଲାଭାଂଶ ୯ କୋଟି ୭୫ ଲାଖ୍ ୨୪ ହଜାର୍ ଟଙ୍କାର ଗୁଟେ ଚେକ୍ ବିଭାଗୀୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ୍ - ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍‌ଙ୍କୁ ଦେଇଛନ୍ । ସେନ୍ତା ଓଡ଼ିଶା କୃଷି ଶିଳ୍ପ ନିଗମ୍ ତର୍‌ଫୁ ୨୦୨୦-୨୧ ଆଉ ୨୦୨୧-୨୨ ଆର୍ଥିକ୍ ବଛର୍ ଲାଗି ମୋଟ୍ ୫ କୋଟି ୬୨ ଲାଖ୍ ୫୩ ହଜାର୍ ୭ ଶହ ୯୪ ଟଙ୍କା ଦିଆଯାଇଥିଲା । ନିଗମ୍‌ର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଇ ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ଦେଇଛନ୍ ।

ହାତଧୁଆ ସୁନିଶ୍ଚିତ- ରୋଡ୍‌ମେପ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ହାତଧୁଆ ସୁନିଶ୍ଚିତ୍ କରାଯିବାର୍ ଲାଗି ରୋଡ୍‌ମେପ୍ ପ୍ରସ୍ତୁତି ବାବ୍‌ଦେ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ଗୁଟେ ସମନ୍ୱୟ ଆଉ ପରାମର୍ଶ ବୈଠକ୍ ହେଇଯାଇଛେ । ଓଡ଼ିଶାନୁ ପହେଲା ଇ

ରୋଡ଼୍‌ମେପ୍ ଆରମ୍ଭ୍ କରାଯାଇଛେ ବଲି ଉନ୍ନୟନ୍ କମିଶନର୍ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଥିବାର୍ ବୈଠକ୍‌ଥି ୟୁନିସେଫ୍ ତର୍‌ଫୁ ଇ ବାବ୍‌ଦେ ସୂଚ୍‌ନା ଦିଆଯାଇଛେ । ହାତ୍‌ଧୁଆ ବାଗିର୍ ପରିଚ୍ଛନ୍ନତା ରକ୍ଷା କମ୍ ଖର୍ଚ୍ଚାଥି ହେଉଥିବା ଗୁଟେ ସ୍ୱାସ୍ଥ୍ୟ ରକ୍ଷା ବ୍ୟବସ୍ଥା ଆଏ । ସେଥିର୍‌ଲାଗି  ମାନବ୍ ସମ୍ବଲ୍‌ର ଦକ୍ଷତା ବୃଦ୍ଧିର ଆବଶ୍ୟକତା ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯାଇଥିଲା । ଇ ଦିଗେ ରାଜ୍ୟର୍ ସବୁ ଆଶା କର୍ମୀ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର୍ ଅଧିକାରୀମାନ୍‌କୁ ଅଏତ୍‌କା ସଚେତନ୍ କର୍‌ବାର୍ ସହେତେ ତାଲିମ୍ ଦିଆଯିବା । ବ୍ଲକ୍ ଆଉ ଗାଁ ସ୍ତର୍‌ନୁ ସଚେତନତା, ବିଦ୍ୟାଳୟ କୋଠାମାନ୍‌କେ ହାତ୍‌ଧୁଆ ଜାଗା ବାଧ୍ୟତାମୂଳକ୍ କରାଯିବା । ମହିଳା ଆଉ ଶିଶୁ ବିକାଶ୍ ଜରିଏ ଅଙ୍ଗନବାଡ଼ି କର୍ମୀମାନ୍‌କର୍ ପ୍ରୟାସ୍‌ଥି ହାତ୍‌ଧୁଆ କାର୍ଯ୍ୟକ୍ରମ୍‌କେ ବ୍ୟାପକ୍ କରାଯିବା ବଲି ବୈଠକ୍‌ଥି ଥିର୍ କରାଯାଇଛେ ।

ୱାନ୍ ହେଲ୍‌ଥ କାର୍ଯ୍ୟକ୍ରମ        ଆର୍‌ଏନ୍‌ୟୁ ସମ୍ବଲପୁର୍

ପଶୁ ମାନ୍‌କର୍ ନୁ ମୁନୁଷ୍ ମାନ୍‌କୁ ଚାପୁଥିବା ରୋଗ୍-ଜୁନୋଟିକ୍‌ର ମୁକାବିଲା ଲାଗି ରାଏଜେ ୱାନ୍ ହେଲ୍‌ଥ କାର୍ଯ୍ୟକ୍ରମ୍ ମୁଲ୍ କରାଯିବା ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଡାକ୍ତର୍ ନିରଞ୍ଜନ୍ ମିଶ୍ର

କହିଛନ୍ । ସେ କହିଛନ୍ ଯେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍ଫୁ ପ୍ରସ୍ତାବିତ୍ ଓ୍ୱାନ୍ ହେଲ୍ଥ କାର୍ଯ୍ୟକ୍ରମ୍‌କେ ପାଇଲଟ୍ ପ୍ରକଳ୍ପ ହିସାବେ ଓଡ଼ିଶା ନ କାର୍ଯ୍ୟକାରୀ କରାଯିବା । ଇ କାର୍ଯ୍ୟକ୍ରମ୍ ଅଧୀନ୍‌ଥି ଜୁନୋଟିକ୍ ଡିଜିଜ୍ ଅର୍ଥାତ୍ ଆନ୍ଥ୍ରାକ୍ସ, ରାବିଜ୍, ସ୍କ୍ରବ୍ ଟାଇଫସ, ନିପା ଭାଇରସ୍ ବାଗିର୍ ପଶୁମାନ୍‌କର୍‌ନୁ ମୁନୁଷ୍ ଶରୀର୍‌କେ ଆସୁଥିବାର୍ ରୋଗ୍‌ର ମୁକାବିଲା ଲାଗି ମିଲିତ୍ ପଦକ୍ଷେପ୍ ନେବାର୍ ଲାଗି ଇ କାର୍ଯ୍ୟକ୍ରମ୍ ଆରମ୍ଭ କରାଯାଇଛେ ।

ଯୁକ୍ତ ୩ ସ୍ୱଟ୍ ନାଁଲେଖା          ଆର୍‌ଏନ୍‌ଯୁ ସମ୍ବଲପୁର୍

ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ଯୁକ୍ତ ୩ ସ୍ୱଟ୍ ନାଁଲେଖା ଲାଗି ମେଧା ତାଲିକା ବାହାରିଛେ । ଇ ତାଲିକାଥି ଠାନ୍ ପାଇଥିବା ଛାତ୍ରଛାତ୍ରୀମାନେ ଆଏବା ୧୦ ତାରିଖ୍ ଦିନ ନାଁଲେଖାବାର୍ ଲାଗି ବିଭାଗ୍ ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଶିଶୁ ପାଇଁ ଦିନଟିଏ        ଆର୍‌ଏନ୍‌ଯୁ ସମ୍ବଲପୁର୍

ସମ୍ବଲ୍‌ପୁର୍ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ୍ ତର୍ଫୁ ସମ୍ବଲ୍‌ପୁର୍ ଠାନେ ଶିଶୁ ପାଇଁ ଦିନଟିଏ କମିଟି ବୈଠକ୍ ଅତିରିକ୍ତ ଜିଲ୍ଲାପାଲ୍

ଅଜାମ୍ବର୍ ମହାନ୍ତିଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ଅନାଥ ଛୁଆ ଆଉ ଝନେ ଅଭିଭାବକ୍ ଥିବା ଛୁଆମାନ୍‌କୁ ଚିହ୍ନଟ୍ କରିକରି ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନାଥି ସାମିଲ୍ କର୍‌ବାର୍ ସହେତେ ସେମାନ୍‌କୁ ସବୁ ସୁବିଧା ସୁଯୋଗ୍ ଯୁଗେଇ ଦେବାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା । ନୂଆଁ କରି ଜନମ୍ ହେଇଥିବା ଟୁକେଲ୍ ଛୁଆର୍ ପରିବାର୍‌କେ ସମ୍ବର୍ଦ୍ଧନା ଦେବାର୍, ବେଆଇନ୍ ପୋଷ୍ୟ ସନ୍ତାନ୍‌କେ ଗ୍ରହଣ୍‌କେ ରୁକ୍‌ବାର୍ ଆର୍ ବାଲ୍ୟ ବିବାହ ମୁକ୍ତ ଗାଁ କର୍‌ବାର୍‌କେ ପଦକ୍ଷେପ୍ ନେବାର୍ ଲାଗି ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ପାରାକ୍ୱେଟ୍- ସଚେତନତା                ସୁବର୍ଣ୍ଣପୁର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଘାସ୍ ମରା ଉଷୋ ପାରାକ୍ୱେଟର୍ ଉତ୍ପାଦନ୍,  ବିକ୍ରି ଆଉ ବେଭାର୍ ଉପ୍‌ରେ ଲଗାଯାଇଥିବା କଟ୍‌କନା ବାବ୍‌ଦେ ସଚେତନ୍ କର୍‌ବାର୍‌କେ ସୋନ୍‌ପୁର୍ ଠାନେ ଜିଲ୍ଲାପାଳ୍ ବିମଳେନ୍ଦୁ ରାୟଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସଚେତନତା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ପାରାକ୍ୱେଟ୍ ଉପ୍‌ରେ ରହିଥିବା କଟ୍‌କନା ବାବ୍‌ଦେ ଜିଲ୍ଲାର୍ ସବୁ କୀଟନାଶକ୍ ଉଷୋ ଦୁକାନୀମାନ୍‌କୁ ଜନେଇ ଦିଆଯାଇଛେ । କଟ୍‌କନା ବାବ୍‌ଦେ

ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ସେମାନ୍‌କର୍ ଦୁକାନେ ବେନର୍ ଲଗାବାର୍ ଲାଗି ଉଷୋ ଦୁକାନୀମାନ୍‌କୁ ବୈଠକ୍‌ଥି ପରାମର୍ଶ ଦିଆଯାଇଛେ ।

୨ ହଜାର୍ ଟଙ୍କିଆ ନୋଟ୍       ଆର୍‌ଏନ୍‌ୟୁ ସମ୍ବଲପୁର୍

୨ ହଜାର୍ ଟଙ୍କିଆ ନୋଟ୍ ବଦ୍‌ଲାବାର୍ ଆଏଜ୍ ଶେଷ୍ ତାରିଖ୍ ଆଏ । ଧାରିଜ୍ ସମିଆ ଭିତ୍‌ରେ ୨ ହଜାର୍ ଟଙ୍କିଆ ନୋଟ୍ ନାଇଁ ବଦ୍‌ଲାଲେ ସେଟା କେନ୍‌ସି ବେଙ୍କ୍‌ଥି ଜମା କି ନାଇଁ ବଦ୍‌ଲାଯାଇପାରେ । ଏଛେନ୍‌ତକ୍ ଶତ୍‌କଡ଼ା ୮୭ ପ୍ରତିଶତ ନୋଟ୍ ବେଙ୍କ୍ ମାନ୍‌କୁ ଫିରିଛେ । ଆଉ ୧୨ ହଜାର୍ କୋଟିର ନୋଟ୍ ଏଛେନ୍‌ତକ୍ ନାଇଁ ଫିରି ବଲି ଭାରତୀୟ ରିଜର୍ଭ ବେଙ୍କ୍ ଗଭର୍ଣ୍ଣର୍ ଶକ୍ତିକାନ୍ତ ଦାସ କହିଛନ୍ ।